# ପିଲାଙ୍କ ଧରିତ୍ରୀ

ଶନିବାର, ୧୪ ମାର୍ଚ୍ଚ , ୨୦୨୦



## ଖିଲିଖିଲି ହସ

**(ଅଫିସର ଓ କର୍ମଚାରୀ ମଧ୍ୟରେ କଥାବାର୍ତ୍ତା)**

ଅଫିସର: ତୁମେ ବାଘ ଯନ୍ତାକୁ କାହିଁକି ଲକ୍ କରି ନ ଥିଲ ?
କର୍ମଚାରୀ: କିଛି ଆବଶ୍ୟକତା ନ ଥିଲା ଭାବି ମୁଁ ଲକ୍ କରି ନ ଥିଲି। କାହିଁକି ନା ଏତେ ଭୟଙ୍କର ଜୀବକୁ କିଏ ବା ଚୋରାଇ ନେବ।

**(ବାପା ଓ ପୁଅ ମଧ୍ୟରେ କଥାବାର୍ତ୍ତା)**

ପୁଅ କାନ୍ଦୁଥିବାର ଦେଖି ବାପା ପଚାରିଲେ କାହିଁକି କାନ୍ଦୁଛୁ ?
ପୁଅ: ସାର୍,ସ୍କୁଲ୍‌ରେ ମାରିଲେ !
ବାପା: ତୁ କ'ଣ ଭୁଲ୍ କାମ କରିଥିବୁ।
ପୁଅ: ନା,ମୁଁ ତ ମୋର ଆରାମ୍‌ରେ କ୍ଲାସରେ ଶୋଇଥିଲି।

**ଚଙ୍ଗୁ ଓ ମଙ୍ଗୁ ମଧ୍ୟରେ କଥାବାର୍ତ୍ତା**

ଚଙ୍ଗୁ: ମଙ୍ଗୁ, ଜାଣିଲୁ କାଲିଠୁ ମୋ ପେଟ ଖରାପ ହୋଇଯାଇଛି।
ମଙ୍ଗୁ: ଏଥିପାଇଁ ତୁ କ'ଣ କଲୁ ?
ଚଙ୍ଗୁ: ଡାକ୍ତରଙ୍କ ପାଖକୁ ଗଲି ସେଠାରେ ସେ ମୋତେ ଦେଖି ମେଡିସିନ୍ ଦେଇ କହିଲେ, ଆଜିଠୁ ହୋଟେଲ୍‌ରେ ଖାଇବନି ।
ମଙ୍ଗୁ: ତେବେ ଏବେ କେଉଁଠି ଖାଇବୁ ?
ଚଙ୍ଗୁ: ଏବେ ସେଠାରୁ ପ୍ୟାକ୍ କରି ଆଣି ଘରେ ବସି ଖାଇବି।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

# ଅଙ୍କର ଯାଦୁ



**ଗପ**

ଜଣେ ସୌଦାଗର ଥିଲେ। ବେପାର ବଣିଜ କରି ସେ ଅନେକ ଧନସମ୍ପତ୍ତି କମାଇଥିଲେ । ଏହାଛଡ଼ା ତାଙ୍କ ପାଖରେ ଥିଲା ୧୯ଟି ଗଧ। ସେଗୁଡିକୁ ନାନାଦି ବ୍ୟବସାୟରେ ସେ ଲଗାଉଥିଲେ ।

ଥରେ ସୌଦାଗର ଏକ ଜଟିଳ ରୋଗରେ ପଡ଼ିଲେ। ତାଙ୍କ ବୟସ ବି ବେଶ୍ ଅଧିକ ହୋଇଯାଇଥିଲା। ସେ ଜାଣିପାରିଲେ ଯେ ତାଙ୍କର ମରଣ ସମୟ ଖୁବ୍ ନିକଟ ହୋଇଗଲାଣି। ଏଣୁ ସେ ତାଙ୍କ ସମ୍ପତ୍ତିକୁ ସ୍ତ୍ରୀ, ପୁଅ ଏବଂ ଝିଅଙ୍କ ମଧ୍ୟରେ ତିନି ଭାଗକରି ବାଣ୍ଟିଦେବାକୁ ଚାହିଁଲେ। ସେ ସ୍ଥିରକଲେ ଯେ, ତାଙ୍କ ମଲାପରେ ସବୁ ସମ୍ପତ୍ତିର ଅଧେ ପାଇବ ପୁଅ, ଏକ ଚତୁର୍ଥାଂଶ ପାଇବ ଝିଅ ଏବଂ ଏକ ପଞ୍ଚମାଂଶ ପାଇବ ସ୍ତ୍ରୀ।

କିଛିଦିନ ପରେ ସୌଦାଗରଙ୍କର ମୃତ୍ୟୁ ହେଲା। ତାଙ୍କର ସବୁ ସମ୍ପତ୍ତି ପୁଅ, ଝିଅ ଓ ସ୍ତ୍ରୀଙ୍କ ମଧ୍ୟରେ ସେହି ଅନୁସାରେ ବଣ୍ଟାହେଲା। ତେବେ ଶେଷକୁ ରହିଗଲେ ୧୯ଟି ଗଧ। ଏହା କିପରି ବଣ୍ଟାହେବ ତାହାକୁ ନେଇ ଉଠିଲା ପ୍ରଶ୍ନ। କାରଣ ୧୯ର ଅଧା ହେଲା ୯+୧/୨। ସେହିପରି ଏହାର ଏକ ଚତୁର୍ଥାଂଶ ୪+୩/୪ ହେଲା ବେଳେ ଏକ ପଞ୍ଚମାଂଶ ହେଉଛି ୩+୪/୫। ଏଣୁ ସୌଦାଗରଙ୍କ ଶେଷଇଚ୍ଛା ଅନୁସାରେ ଏହା ବାଣ୍ଟିବାକୁ ଗଧଙ୍କ ଭିତରୁ କିଛି କାଟିବାକୁ ପଡ଼ିବ। ତଥାପି ବି ବାଣ୍ଟ ଛିଡ଼ିବ ନାହିଁ। କାରଣ

୯ ୧/୨ + ୪+ ୩/୪+ ୩+ ୪/୫=୧୮ ୧/୨୦।

ତାହା ହେଲେ ଏହା ବଣ୍ଟା ହେବ କିପରି ?

ଗାଁସାରା ଏ ବିଷୟରେ ଚର୍ଚ୍ଚା ହେଲା। ଲୋକେ କହିଲେ ସୌଦାଗର ଜଣେ ଭାରି ହିସାବି ଲୋକ। ସେ ଏମିତି ଭୁଲ୍‌କଥା କହିଲେ କିପରି ? ବୋଧହୁଏ ଶେଷବେଳକୁ ତାଙ୍କ ମୁଣ୍ଡ ଗୋଳମାଳ ହୋଇଯାଇଥିଲା। ହେଲେ ସେ ଗାଁରେ ଜଣେ ବୁଦ୍ଧିଆ ଲୋକ ଥିଲେ। ସେ କହିଲେ ଯେ, ସୌଦାଗର କିଛି ଭୁଲ୍ କରିନାହାନ୍ତି। ତାଙ୍କ କହିବା ଅନୁସାରେ, ଗଧ ଗୁଡିକୁ ବଣ୍ଟାଯାଇପାରିବ। ଲୋକେ ଆଶ୍ଚର୍ଯ୍ୟ ହେଲେ। ସେମାନେ ତାଙ୍କୁ ଏ କାମ କରିବା ପାଇଁ କହିଲେ। ଏଥିଲାଗି ଦିନ ସ୍ଥିର ହେଲା। ଗାଁ ଲୋକେ ଗୋଟିଏ ଜାଗାରେ ଏକାଠି ହେଲେ। ସୌଦାଗରଙ୍କର ୧୯ଟି ଯାକ ଗଧ ସେଠାକୁ ଅଣାଗଲା। ବୁଦ୍ଧିଆ ଲୋକଟି ମଧ୍ୟ ତାଙ୍କ ନିଜ ଗଧରେ ଚଢ଼ି ସେଠାରେ ଆସି ପହଞ୍ଚିଲେ। ସେ ତାକୁ ଅନ୍ୟ ଗଧମାନଙ୍କ ସହିତ ଏକାଠି ବାନ୍ଧିଦେଲେ। ତା'ପରେ ବାଣ୍ଟିବା ଆରମ୍ଭ କଲେ।

ଆଗରୁ ଥିଲେ ୧୯ଟି ଗଧ, ଏବେ ସେଥିରେ ଆଉ ଗୋଟିଏ ମିଶିଲା। ଏଣୁ ତାଙ୍କ ସଂଖ୍ୟା ହେଲା ୨୦। ସୌଦାଗରଙ୍କ କହିବା ଅନୁସାରେ ବଡ଼ ପୁଅର ଭାଗ ଅଧେ। ଏଣୁ ତାକୁ ଏହାର ଅଧା ଅର୍ଥାତ୍ ୧୦ଟି ଗଧ ଦିଆଗଲା। ତା'ପରେ ଝିଅ ତା'ର ଏକ ଚତୁର୍ଥାଂଶ ପାଇଁ ୫ଟି ଏବଂ ସ୍ତ୍ରୀ ତାଙ୍କ ଏକ ପଞ୍ଚମାଂଶ ପାଇଁ ୪ଟି ଗଧ ପାଇଲେ। ଅତଏବ ୧୯ଟି ଗଧ ବଣ୍ଟା ହୋଇଗଲେ। ଶେଷକୁ ବଳିଲା ଗୋଟିଏ। ସେଇଟି ଥିଲା ବୁଦ୍ଧିଆ ଲୋକର।

ଏ ଭାଗବଣ୍ଟାରେ ସମସ୍ତେ ସନ୍ତୁଷ୍ଟ ହେଲେ। ସେମାନେ ଲୋକଟିର ବୁଦ୍ଧିକୁ ପ୍ରଶଂସା କଲେ ଏବଂ କହିଲେ ଯେ, ତାଙ୍କୁ ଜଣାଥିବା ଅଙ୍କବିଦ୍ୟାର କୁହୁକ ହେତୁ ଏହା ସମ୍ଭବ ହେଲା।

**–କନକଲତା ପରିଡ଼ା,** ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର

## ମତାମତ

★ ଦୋଳ ପୂର୍ଣ୍ଣିମା ଏବଂ ହୋଲି ସମ୍ପର୍କିତ ଏଥରର ପିଲାଙ୍କ ଧରିତ୍ରୀ ପୃଷ୍ଠାଗୁଡିକ ଖୁବ୍ ସୁନ୍ଦର ଲାଗୁଥିଲା।

– **କୃତ୍ତିବାସ ସାହୁ,** ଇନ୍ଦିପୁର, ଢେଙ୍କାନାଳ

★ ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ହୋଲି ସମ୍ପର୍କିତ ସମସ୍ତ ଫଟୋ ଭଲ ଲାଗୁଥିଲା।

– **ଅନ୍ୱେଷା ପ୍ରଧାନ,** ଲୋକନାଥ ରୋଡ୍, ପୁରୀ


★ କବିତା ପୃଷ୍ଠାରେ ସ୍ଥାନ ପାଇଥିବା ସମସ୍ତ କବିତା ହୃଦୟସ୍ପର୍ଶୀ ଥିଲା।

– **ଶ୍ୱେତପଦ୍ମା ମହାପାତ୍ର,** କାକୁଡିଆ, ଜଟଣୀ

★ ଏଥିରେ ପ୍ରକାଶ ପାଉଥିବା ଗପ ପୃଷ୍ଠାରୁ କିଛି ନା କିଛି ନିତିଶିକ୍ଷା ମିଳୁଛି। କୁନି କୁନି ପିଲାଙ୍କ ଦ୍ୱାରା ରଚିତ ଗଳ୍ପ ଏଥିରେ ପ୍ରକାଶ ପାଇଲେ ଆହୁରି ଭଲ ହୁଅନ୍ତା।

– **ମାନସ ମହାପାତ୍ର,** ଶ୍ୟାମରାୟପୁର, ଭଦ୍ରକ

## ବିନ୍ଦୁ ଯୋଡ଼








**ଚଗଲା ଭୀମୁ**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795








# ବର୍ଗୀୟ ତରଙ୍ଗ

–ପ୍ରଶାନ୍ତ କୁମାର ମିଶ୍ର

ମୁନା ଆଉ ସାନୁ ଭାରି ଭଲ ସାଙ୍ଗ ଏବଂ ଉଭୟ ଏକା ବିଦ୍ୟାଳୟରେ ପଢ଼ନ୍ତି। ମୁନା ନବମ ଶ୍ରେଣୀରେ ପ୍ରଥମ ହେଲା ବେଳେ ସାନୁ ହୁଏ ଅଷ୍ଟମରେ ପ୍ରଥମ। ସେଥିପାଇଁ ମୁନା ଆଉ ସାନୁ ଉଭୟ ସଯତ୍ନ କରନ୍ତି ପାଠପଢ଼ାକୁ ନେଇ।

ଦିନେ ଦୁହିଙ୍କୁ ପୋଖରୀ କୂଳରେ ଖେଳୁଥିବାର ଦେଖି ବିଜ୍ଞାନ ଶିକ୍ଷକ ବାରିକ ସାର୍ ଢେଉ ଆଉ ତରଙ୍ଗ ବିଷୟରେ ପ୍ରଶ୍ନ କଲେ, ‘‘ପୋଖରୀ ପାଣିକୁ ଢେଲାଟିଏ ମାରିଲେ, ପୋଖରୀର ଜଳପୃଷ୍ଠରେ ଭାଙ୍ଗ ପଡ଼ି ଢେଉ ସୃଷ୍ଟି ହୁଏ ଏବଂ ଉକ୍ତ ଢେଉ ପୋଖରୀ କୂଳକୁ ମାଡ଼ିଆସୁଥିବାର ଦେଖାଯାଏ। ତେବେ ସାଗର ବା ମହାସାଗର ବକ୍ଷରେ ଅନବରତ ଢେଉ ସୃଷ୍ଟି ହେବାର କାରଣ କ’ଣ ହୋଇପାରେ ?’’

ସାର୍, ଆମେ ସପ୍ତମ ଶ୍ରେଣୀରେ ସମୁଦ୍ରରେ ସୃଷ୍ଟି ହେଉଥିବା ତରଙ୍ଗ, ଜୁଆର ଆଉ ସାମୁଦ୍ରିକ ସ୍ରୋତ ବିଷୟରେ ପଢିଛୁ ଏବଂ ସେମାନଙ୍କ ମଧ୍ୟରେ ଥିବା ପ୍ରଭେଦ ମଧ୍ୟ ଜାଣିଛୁ। ମାତ୍ର ସେସବୁ ସୃଷ୍ଟିର ରହସ୍ୟକୁ ଠିକ୍‌ରେ ବୁଝିନୁ ବୋଲି ମୁନା ଆଉ ସାନୁ ସମସ୍ୱରରେ ଉତ୍ତର ଦେଲେ।




ସାଗର, ମହାସାଗରର ଜଳ ସଦାସର୍ବଦା ଅସ୍ଥିର ବା ଚଳନଶୀଳ। ଭୂପୃଷ୍ଠର ବିଭିନ୍ନ ଅଞ୍ଚଳରେ ମହାସାଗର ଓ ସାଗର ଜଳର ତାପମାତ୍ରାରେ ଅସମତା, ଲବଣତାରେ ପାର୍ଥକ୍ୟ ତଥା ଅସମାନ ବାଷ୍ପୀଭବନ ଆଦି କାରଣରୁ ସମୁଦ୍ର ବକ୍ଷ ସଦାସର୍ବଦା ଚଳନଶୀଳ ହୋଇ ଢେଉ ସୃଷ୍ଟି ହେଉଥିବାର କାରଣକୁ ବାରିକ ସାର ବୁଝାଇଦେଲେ। ବୁଝାଇ ସାରିବା ପରେ ସାର ପୁଣି ଉଭୟଙ୍କୁ ତରଙ୍ଗ, ଜୁଆର ଆଉ ସାମୁଦ୍ରିକ ସ୍ରୋତ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଇବାକୁ ଆଦେଶ ଦେଲେ।

ସାର୍‌ଙ୍କ ପ୍ରଶ୍ନ ସରିଛି କି ନାହିଁ ମୁନା ଉତ୍ତର ଦେଲା, ସମୁଦ୍ର ଉପରେ ପ୍ରବାହିତ ବାୟୁର ଘର୍ଷଣ ଫଳରେ ସାଗର ପୃଷ୍ଠରେ ତରଙ୍ଗ ସୃଷ୍ଟି ହୋଇଥାଏ। ଅନ୍ୟ କେତେକ ସମୟରେ ସମୁଦ୍ର ସଂଲଗ୍ନ ଅଞ୍ଚଳରେ ହେଉଥିବା ଝଡ଼ ବାତ୍ୟା ଯୋଗୁ ମଧ୍ୟ ବିଶାଳକାୟ ତରଙ୍ଗମାନ ସୃଷ୍ଟି ହୁଏ।

ମହାଜାଗତିକ ପିଣ୍ଡ ଯଥା ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦି ପରସ୍ପରକୁ ଆକର୍ଷଣ କରିଥାନ୍ତି। ମହାଜାଗତିକ ପିଣ୍ଡର ଆକର୍ଷଣ ମୁଖ୍ୟତଃ ସେମାନଙ୍କ ବସ୍ତୁତ୍ୱ ଓ ପରସ୍ପରଠାରୁ ଦୂରତା ଉପରେ ନିର୍ଭର କରେ। ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଆକର୍ଷଣ ଯୋଗୁ ପୃଥିବୀର କଠିନ ଭୂଭାଗ ଅପେକ୍ଷା ଜଳସ୍ତରରେ ଉତ୍ଥାନ ଓ ପତନ ହୋଇ ଜୁଆର ସୃଷ୍ଟି ହୋଇଥାଏ।

ସାର୍, ଖାଲି କ’ଣ ମୁନା ଉତ୍ତର ଦେବ କି କହିବାରୁ ସାନୁ ଚଟାପଟ କହିବାକୁ ଲାଗିଲା। ସମୁଦ୍ର ଜଳ ଏକ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ପ୍ରବାହିତ ହେବାକୁ ସାମୁଦ୍ରିକ ସ୍ରୋତ କୁହାଯାଏ। ସମୁଦ୍ର ଜଳର ଉଷ୍ମତାରେ ତାରତମ୍ୟ ସାମୁଦ୍ରିକ ସ୍ରୋତ ସୃଷ୍ଟିର ପ୍ରଧାନ କାରଣ। ବିଷୁବ ଅଞ୍ଚଳରେ ଅଧିକ ତାପମାତ୍ରା ହେତୁ ସମୁଦ୍ର ଜଳରାଶିର ଉଷ୍ମତା ମେରୁ ଅଞ୍ଚଳଠାରୁ ଅଧିକ। ବିଷୁବ ଅଞ୍ଚଳରେ ଉଷ୍ମ ଜଳ ପ୍ରସାରିତ ହେବା କାରଣରୁ ଜଳର ଆୟତନ ବୃଦ୍ଧି ପାଏ ଏବଂ ମେରୁ ଅଞ୍ଚଳରେ ଶୀତଳ ଜଳରାଶି ସଙ୍କୁଚିତ ହେବାରୁ ଜଳସ୍ତର ହ୍ରାସ ପାଏ। ଜଳସ୍ତରର ଅସାମଞ୍ଜସ୍ୟତା ହିଁ ସାମୁଦ୍ରିକ ସ୍ରୋତକୁ ଜନ୍ମ ଦେଇଥାଏ।

ମୁନା ଆଉ ସାନୁଙ୍କଠାରୁ ଉତ୍ତର ଶୁଣିବା ପରେ ସାର କହିଲେ, ‘‘ସୁନାମି ବିଷୟରେ ଜାଣିଛ କି ?’’

–ସାର୍, ଆମେ ଜାଣିଛୁ। ମହାସାଗର ନିମ୍ନସ୍ଥ ଭୂଭାଗ ଅଭ୍ୟନ୍ତରରେ ଭୂମିକମ୍ପ ସୃଷ୍ଟିହୋଇ ସମୁଦ୍ର ଜଳରାଶିରେ କମ୍ପନ ଜାତ କରାଏ। ଏହାର ପ୍ରଭାବରେ ସମୁଦ୍ର ଜଳରେ ବିରାଟ ତରଙ୍ଗମାନ ସୃଷ୍ଟି ହେବାକୁ ଜାପାନୀ ଭାଷାରେ ସୁନାମି କୁହାଯାଏ।

ଠିକ୍ ଉତ୍ତର ପାଇବାଯିବାରୁ ସାର୍‌ଙ୍କ ଚିତ୍ତ ପ୍ରଫୁଲ୍ଲ ଦିଶିଲା। ଖୁସି ହୋଇ ସାର କହିଲେ, ଆଜି ତୁମ ଦୁହିଙ୍କୁ ଏକ ନୂଆ ତରଙ୍ଗ କଥା କହିବି, ଯାହା ତୁମ ସପ୍ତମ ଶ୍ରେଣୀ ପଢ଼ାବହିରେ ନାହିଁ। ମାତ୍ର ଅନ୍ୟ ତରଙ୍ଗ ପରି ଅତି ଭୟଙ୍କର ଆଉ ସେ ତରଙ୍ଗର ନାମ ହେଉଛି–‘ବର୍ଗୀୟ ତରଙ୍ଗ’।


ବର୍ଗୀୟ ତରଙ୍ଗର ନାଁ ଶୁଣିବା ମାତ୍ରେ ମୁନା ଓ ସାନୁ ଦୁହେଁ ଏକା ସାଙ୍ଗରେ ତାହା କ’ଣ ବୋଲି ଜାଣିବାକୁ ଆଗ୍ରହ ପ୍ରକାଶ କଲେ।


ପରସ୍ପର ବିପରୀତମୁଖୀ ବାୟୁପ୍ରବାହ ବର୍ଗୀୟ ତରଙ୍ଗ ବା ଛକି ତରଙ୍ଗକୁ ସୃଷ୍ଟି କରିଥାଏ। ଏକ ନିର୍ଦ୍ଦିଷ୍ଟ ଦିଗରେ ପ୍ରବାହିତ ତରଙ୍ଗ ଯେବେ ବିପରୀତ ଦିଗରୁ ଆସୁଥିବା କ୍ଷୀପ୍ର ତରଙ୍ଗ ସହ ଧକ୍କା ଖାଏ, ନୂତନ ଏକ ତରଙ୍ଗର ଜନ୍ମ ହୁଏ।

ନୂତନ ତରଙ୍ଗମାନ ପୂର୍ବ ତରଙ୍ଗର ଉଭୟ ଦିଗଠାରୁ ଦୂରେଇ ଯାଇ ଅନ୍ୟ ଏକ ନୂତନ କୋଣରେ ଗତି କରନ୍ତି ବୋଲି ସାର ବୁଝାଇ କହିଲେ। ତେବେ ନୂତନ ତରଙ୍ଗମାନ ଛକି ବା ବର୍ଗକ୍ଷେତ୍ର ଆକୃତି ପରି ଦିଶୁଥିବାରୁ, ତାହାକୁ ବର୍ଗୀୟ ତରଙ୍ଗ କୁହାଯାଏ। ତେବେ ବର୍ଗୀୟ ତରଙ୍ଗ ବିପଦପୂର୍ଣ୍ଣ କହିବାର କାରଣ କ’ଣ ହୋଇପାରେ ବୋଲି ଦୁହେଁ ପୁଣି ପ୍ରଶ୍ନ କଲେ।

ବାରିକ ସାର୍ ଉଭୟଙ୍କୁ ପାଖକୁ ନେଇ କହିଲେ, ବର୍ଗୀୟ ତରଙ୍ଗମାନ ସମୁଦ୍ର ପୃଷ୍ଠରେ ହାନିକାରକ ବା ବିଶେଷ ବିପଦପୂର୍ଣ୍ଣ ଲାଗୁ ନ ଥିବା ବେଳେ ତାହା କିନ୍ତୁ ସମୁଦ୍ରର ଅନ୍ତଃସ୍ଥଳରେ ବିଧ୍ୱଂସ ଆତଙ୍କ ଖେଳାଏ। ସାମୁଦ୍ରିକ ଜଳଜାହାଜଗୁଡ଼ିକ ମୁଖ୍ୟତଃ ସମ୍ମୁଖ କିମ୍ବା ପଶ୍ଚାତ୍ ଦିଗରୁ ଆସୁଥିବା ତରଙ୍ଗର ଆଘାତକୁ ପ୍ରତିହତ କରିବାର ସାମର୍ଥ୍ୟ ରଖୁଥିବା ବେଳେ ଏକାସଙ୍ଗେ ଅନେକ କୋଣରୁ ତେର୍ଛା ହୋଇ ଆସୁଥିବା ବର୍ଗୀୟ ତରଙ୍ଗର ଆଘାତକୁ ସହ୍ୟ କରିପାରେନାହିଁ। ଫଳରେ ଜଳଜାହାଜର ପ୍ରଭୁତ କ୍ଷୟକ୍ଷତି ହୁଏ। ବର୍ଗୀୟ ତରଙ୍ଗ ଉପସ୍ଥିତି ଯଦିଓ ଅତିଶୟ ବିପଦପୂର୍ଣ୍ଣ, ମାତ୍ର ତାହାର ଅବସ୍ଥିତି ସମୁଦ୍ର ଗର୍ଭରେ ଅତି ବିରଳ। ଫ୍ରାନ୍ସର ପଶ୍ଚିମ ଉପକୂଳରେ ଅବସ୍ଥିତ ଇଲି-ଡେ-ରେ ଦ୍ୱୀପଠାରେ ଅନେକ ସମୟରେ ବର୍ଗୀୟ ତରଙ୍ଗ ଦେଖାଯାଇଥାଏ ବୋଲି ବାରିକ ସାର ସୂଚନା ଦେବା ପରେ ମୁନା ଓ ସାନୁ ଦୁହିଙ୍କୁ ଘରକୁ ଫେରିବା ପାଇଁ ନିର୍ଦ୍ଦେଶ ଦେଇ ସାର୍ ସ୍କୁଲକୁ ପ୍ରତ୍ୟାବର୍ତ୍ତନ କଲେ।

–ଓଡ଼ିଶା ଶିକ୍ଷା ସେବା (ଏ)
ସହକାରୀ ପ୍ରଫେସର (ଭୂତତ୍ତ୍ୱ ବିଜ୍ଞାନ), ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼
ମୋ: ୯୯୬୭୩୪୦୪୦୪











୧




୨




୫




୬



୩




୪



୭



୮



୯



ଦୀକ୍ଷା ଦେବାଂଶୀ ବରାଳ
କ୍ଲାସ-୧,କେନ୍ଦ୍ରୀୟ ବିଦ୍ୟାଳୟ-୧, ୟୁନିଟ୍-୯, ଭୁବନେଶ୍ୱର

୧



ତ୍ରିନାଥ ନନ୍ଦି
କ୍ଲାସ-୮,ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର

୨



ଅରୋକ୍ଷିତ ମଲ୍ଲିକ୍
କ୍ଲାସ-୪,ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର

୩



ରାଜେଶ ନାୟକ
କ୍ଲାସ-୭,ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୪



ଶେଖର କୁମାର ସ୍ୱାଇଁ
କ୍ଲାସ-୫, ଏସ୍‌ସିବି ମେଡିକାଲ୍ ପବ୍ଲିକ୍ ସ୍କୁଲ,କଟକ

୫



ପ୍ରତୀକ୍ କୁମାର ସେଠ୍
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର

୬



ଶୁଭଶ୍ରୀ ସାହୁ
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରସୁଲଗଡ, ଭୁବନେଶ୍ୱର

୭



ସୁଦୀପ୍ତା ପଣ୍ଡା
କ୍ଲାସ-୫,କେସିଏ ପବ୍ଲିକ୍ ସ୍କୁଲ,ଜୁଣିଆ, ବାଲେଶ୍ୱର

୮



ବିଭୁଦତ୍ତ ଉଦୟଭାନୁ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାନତିରା, ଯାଜପୁର

୯

## ଶିଶୁ ପ୍ରତିଭା

# ଅଲ୍‌ରାଉଣ୍ଡର ଅଭୀପ୍‌ସା



ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳର ଶକୁନ୍ତଳା ଓ ଅମିୟ ରଞ୍ଜନ ମିଶ୍ରଙ୍କ ସାନ ଝିଅ ଅଭୀପ୍‌ସା। ପାଠ ପଢାଠୁ ଆରମ୍ଭ କରି କ୍ରୀଡା ଏବଂ ନୃତ୍ୟ ପର୍ଯ୍ୟନ୍ତ ସବୁଥିରେ ସେ ଆଗୁଆ। ମାତ୍ର ତିନି ବର୍ଷ ବୟସରୁ ସେ ଆରମ୍ଭ କରିଥିଲେ ନୃତ୍ୟ ଶିକ୍ଷା। ଆଉ ପାଞ୍ଚ ବର୍ଷ ବୟସରେ ବିଭିନ୍ନ ଷ୍ଟେଜ ଶୋ'ରେ ଅଂଶଗ୍ରହଣ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ। ଗୁରୁ ତେଜସ୍ୱିନୀ ପଲାଇ ଓ ମଧୁସ୍ମିତା ବିଶ୍ୱାଳଙ୍କ ନିକଟରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ ହେଁ ନିଜ ମା' ହିଁ ଥିଲେ ତାଙ୍କର ପ୍ରଥମ ନୃତ୍ୟ ଗୁରୁ। ୨୦୧୭ରେ ବନାରସରେ ଅନୁଷ୍ଠିତ ରାଷ୍ଟ୍ରୀୟ ମହୋତ୍ସବରେ ସେ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ୨୦୧୮ରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ପର୍ବରେ ବାଲେଶ୍ୱର ଜିଲା ତରଫରୁ ଅଂଶ ଗ୍ରହଣ କରିଥିଲେ। ସେହିପରି ୨୦୧୯ରେ ରାଜ୍ୟ ସ୍ତରୀୟ ମହୋତ୍ସବରେ ପ୍ରଥମ, ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ 'ନବୀନ କଳା' ସମ୍ମାନ ଓ 'ନୃତ୍ୟ କୁମାରୀ' ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଏହା ବ୍ୟତୀତ ଚିଲିକା ମହୋତ୍ସବ, ସୋର ମହୋତ୍ସବ, ସିମୁଳିଆ ମହୋତ୍ସବ, ଲୋକ ନୃତ୍ୟ ମହୋତ୍ସବ, ରଜ ମହୋତ୍ସବ ଇତ୍ୟାଦି ବିଭିନ୍ନ ମହୋତ୍ସବରେ ଅଂଶ ଗ୍ରହଣ କରିବା ସହିତ ଗତ ୨୦୧୮ରେ ଭଦ୍ରକ ଜିଲା ମହୋତ୍ସବରେ 'କଳାଶ୍ରୀ ସମ୍ମାନ'ରେ ସମ୍ମାନୀତ ହୋଇଛନ୍ତି। ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ପଢୁଥିବା ଅଭୀପ୍‌ସା ନା କେବଳ ଶ୍ରେଣୀରେ ପ୍ରଥମ ହୁଅନ୍ତି ବରଂ ତୃତୀୟ ଏବଂ ପଞ୍ଚମ ଶ୍ରେଣୀରେ ବୃତ୍ତି ମଧ୍ୟ ପାଇଛନ୍ତି। ବିଜ୍ଞାନ ମେଳାରେ ମଧ୍ୟ ସେ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରି ପ୍ରସଂଶିତ ଓ ପୁରସ୍କୃତ ହୋଇଛନ୍ତି। କେବଳ ଏତିକି ନୁହେଁ, କ୍ରୀଡାରେ ଭଲ ପ୍ରଦର୍ଶନ ଲାଗି ସେ ହାସଲ କରିପାରିଛନ୍ତି ଚାମ୍ପିୟନ ସାର୍ଟିଫିକେଟ୍। ବର୍ତ୍ତମାନ ମାର୍କୋଣା ସାଧନା କଳା ବିକାଶ କେନ୍ଦ୍ରରେ ନିଜର ନୃତ୍ୟ ସାଧନା ଜାରି ରଖିଥିବା ଅଭୀପ୍‌ସା କହନ୍ତି, ରାଉରକେଲାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜଣେ ଡାକ୍ତରଙ୍କ ଓଡିଶୀ ନୃତ୍ୟ ମୋତେ ବେଶ୍ ପ୍ରଭାବିତ କରିଥିଲା। ଆଉ ସେବେଠୁ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ଓଡିଶୀ ନୃତ୍ୟକୁ ନିଜର ବ୍ରତ ରୂପେ ବାଛି ନେଇଛି।

**– ସନ୍ତୋଷ କୁମାର ନାୟକ**

## ଏଥରର ପ୍ରଶ୍ନ

- ପୃଥିବୀର ନିକଟତମ ତାରା କିଏ ?
- ପୃଥିବୀର କେଉଁ ସ୍ଥାନକୁ ସର୍ବାଧିକ ଥଣ୍ଡା ସ୍ଥାନ ବୋଲି କୁହାଯାଏ ?
- ଦ୍ରୁତ ଗତିରେ ଦୌଡି ପାରୁଥିବା ପ୍ରାଣୀ କିଏ ?
- 'ଅନ୍ଧକାର ମହାଦେଶ' ଭାବରେ କେଉଁ ମହାଦେଶକୁ ଅଭିହିତ କରାଯାଇଛି ?
- ଶାନ୍ତିର ପ୍ରତୀକ ଭାବରେ କେଉଁ ରଙ୍ଗକୁ ଗ୍ରହଣ କରାଯାଇଛି ?

## ଆରଥରର ଉତ୍ତର

- ଓଡିଶା
- କାମ ଦହନମ୍
- ବସନ୍ତ
- ଫାଲ୍‌ଗୁନ
- ମହାରାଷ୍ଟ୍ର ଏବଂ ଗୁଜରାଟ

## କବିତା

### ଏଇଠି ଆମ ଘର

ଏଇଠି ଆମ ମାଟି ଅଗଣା
ଏଇଠି ଆମ ଘର,
ଏଇଠି ଖାଉ
ଏଇଠି ଶୋଉ
ନାହିଁ ଆମର ଡର।

ଏଇଠି ମାଆ ରୋଷେଇ କରେ
ମାଟିରେ ଚୁଲି ପାରି ,
ଭାତ ରାନ୍ଧଇ
ଡାଲି କରଇ
କରଇ ଖିରି, ପୁରି।

ଜେଜେ, ଆଈଙ୍କ ହାତକୁ ଧରି
ଖେଳେ ଅଗଣା ସାରା,
ସବୁଜ ଘନ
ଗହଳ ବନ
ଦେଖେ ଆକାଶ ତାରା।

ନିଜ ସୁଖର ସୁବିଧା ପାଇଁ
ହୋଇବୁ ନାହିଁ ହୀନ,
ଜାତିର ଟେକ
ରଖିବୁ ଭେକ
ହେଲେ ହୋଇବୁ ଦୀନ।

ନମିଲୁ ପଛେ ମାନ ସମ୍ମାନ
ଭୋଗ ବିଳାସ ସୁଖ,
ଛାଡ଼ିବୁ ନାହିଁ
ଜଙ୍ଗଲ ଭୂଇଁ
ଆସୁ ଜୀବନେ ଦୁଃଖ।



**– ତପନ କୁମାର ସ୍ୱାଇଁ**
ଜଳଯୋଗାଣ ଶାଖା, ରାଣୀହାଟ, କଟକ



### ମୁଁ ଗଛଟିଏ

ମଣିଷର ଉପକାରୀ ମୁହିଁ
ତୁମ ନିଜର ଅଟଇ ଭାଇ
ସବୁଜ ଅଟଇ ଦେହଟି ମୋର
ଦେଖିବାକୁ ମୁଁ କେଡ଼େ ସୁନ୍ଦର
ଫୁଲ ଫଳ ଭରା ମୋର ଶରୀର
ଗଛ ଅଟଇ ନାଆଁଟି ମୋର।
ଫୁଲ ଦିଏ ମୁଁ ଫଳ ଦିଏ
ବିଶ୍ରାମ ପାଇଁ ଛାଇ ଦିଏ
ମାଟି ମା'ରୁ ଜନମ ହେଲି
ଜୀବଙ୍କର ଉପକାରୀ ମୁଁ ହେଲି
ପକ୍ଷୀ ରହି ଗଛରେ ମୋର
ବାନ୍ଧିଥାଏ ବସା ଆନନ୍ଦେ ତାର।
କିଚିରି ମିଚିରି କରି ଉଠଇ
ବଣରେ ଆନନ୍ଦେ ଗୀତ ଗାଆଇ।
ମଣିଷକୁ ଅମ୍ଳଜାନ ମୁଁ ଦିଏ
ଅଙ୍ଗାରକାମ୍ଳକୁ ଟାଣି ମୁଁ ନିଏ।

**– ଭୂମିସୁତା ଶବର**
୮ମ, ପ୍ର.ଉ.ପ୍ରା. ବିଦ୍ୟାଳୟ,
ଶୁକ୍ଲିମୁଣ୍ଡି, ନୂଆପଡ଼ା

## ତୁମ ପଢ଼ିବା ପାଇଁ

**ତାଥିନ୍ ଥିନା:** କବିତା ସଙ୍କଳନ 'ତାଥିନ୍ ଥିନା'ରେ ମଶାଟିଏ ମୁଁ ମଶାଟିଏ, ଅଝଟ ଝିଅ, ବରଷା ରାଣୀ ଲୋ ବରଷା ରାଣୀ, ହରିଆର ଆଈ ଗୁରୁବାରୀ, ଫଗୁ ଖେଳିବା ଆସ ପରି ରହିଛି କେତୋଟି ଶିକ୍ଷଣୀୟ କବିତା। କନ୍ଦର୍ପ ବେହେରାଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୩୦ଟଙ୍କା।

**ଯୋଗାଯୋଗ–** କନ୍ଦର୍ପ ବେହେରା, କବି କୁଟୀର, ଡଇଁଚା, ରେଢ଼ାଖୋଲ, ସମ୍ବଲପୁର




## ରଙ୍ଗ ଦିଅ



# ଜଣା ଅଜଣା



ଗୋଟିଏ ଝିଙ୍କ ଶରୀରରେ ପ୍ରାୟ ୩୦,୦୦୦ ପର୍ଯ୍ୟନ୍ତ କଣ୍ଟା ରହିଥାଏ। ଏହି ପ୍ରାଣୀ ଅଧିକାଂଶ ସମୟ ଲୁଚି ଲୁଚି ରହେ। କେବଳ ଖାଦ୍ୟ ଅନ୍ୱେଷଣରେ ସେ ବାହାରକୁ ବାହାରିଥାଏ।



ପ୍ରାୟ ୯୫ ପ୍ରତିଶତ ବ୍ୟକ୍ତି ନୂଆ କଲମ କିଣି ପ୍ରଥମେ ନିଜ ନାମକୁ ଲେଖିଥାଆନ୍ତି।



ଜଳହସ୍ତୀ କ୍ଷୀରର ରଙ୍ଗ ଗୋଲାପୀ ହୋଇଥାଏ।



ସାପ ଏପରି ଏକ ଜୀବ ଯାହାର ଆଖିର ପଲକ କେବେ ପଡି ନ ଥାଏ। ଅର୍ଥାତ୍ ତାହାର ଆଖି ସବୁବେଳେ ଖୋଲା ରହିଥାଏ।



ଗୋଟିଏ ଏଣ୍ଡୁଅର ଜିଭ ତାହାର ଶରୀରର ଦୁଇ ଗୁଣା ଲମ୍ବା ହୋଇଥାଏ।

# ଆ ଇ ନା

ପାର୍ଥ ପ୍ରୀତମ୍
୫ ବର୍ଷ



ଅଦ୍ୱୈତ
୭ ବର୍ଷ



ପ୍ରିୟାଂଶୀ
୫ ବର୍ଷ

